



## ଦ୍ୱାଦଶ ଭୁବନେଶ୍ୱର ଆନ୍ତର୍ଜାତିକ ବାଣିଜ୍ୟ ମେଳା

# ଆକର୍ଷିତ କରୁଛି ଦେଶବିଦେଶର ସାମଗ୍ରୀ



ଭୁବନେଶ୍ୱର,୨୧।୯ (ସମିସ): ୧୨ତମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ ଜନତା ମୈଦାନଠାରେ ଚାଲିଛି। ଯେଉଁଠି ପୂଜା ବଜାର ପାଇଁ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପକ୍ଷରୁ ଏହି ବାଣିଜ୍ୟ ମେଳାରେ ବିଭିନ୍ନ ସାମଗ୍ରୀ ଉପଲବ୍ଧ ହୋଇଛି। ବିଶେଷକରି ଦୁର୍ଗା ପୂଜା ଓ କୁମାର ପୂର୍ଣ୍ଣିମା ଆଗରୁ ଏପ୍ରକାରର ଆୟୋଜନ ବେଶୀ ଭାବରେ ଗ୍ରାହକମାନଙ୍କୁ ଆକର୍ଷିତ କରୁଛି। ବିଭିନ୍ନ ରାଜ୍ୟଠୁ ଆରମ୍ଭକରି ଦେଶର ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ସମାବେଶ ଗୋଟିଏ ଜାଗାରେ ହେଉଛି। ସେଥିପାଇଁ କଲେଜ ପିଲାଠାରୁ ଆରମ୍ଭକରି ମହିଳାମାନେ ସନ୍ଧ୍ୟା ହେଲେ ଭିଡ ଦେଖିବାକୁ ମିଳୁଛି।

### ଆକର୍ଷିତ କରୁଛି ବିଭିନ୍ନ ଦେଶ ଓ ରାଜ୍ୟର ସାମଗ୍ରୀ

ବାଂଲାଦେଶରୁ ଜାମଦାନି ଶାଢୀ, ଇରାନରୁ ପୋଷାକ, ଦୁବାଇ ପୋଷାକ, ସେହିଭଳି ଭାଗଲପୁର, ପଞ୍ଜାବ, ବନାରସ, ଜୟପୁର, ଓଡିଶା ଓ ବାଂଲାଦେଶରୁ ବସ୍ତ୍ର ଓ ଶାଢୀ ପାଇଁ ବେଶ ଗହଳି ଜମୁଛି। ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା, ଫର୍ନିଚର୍ – କାଶ୍ମିରୀ, କାର୍ଭିଙ୍ଗ, ପ୍ରାଚୀନ ସାମଗ୍ରୀ, ସୋଫା, ଡାଇନିଂ ସେଟ୍ ଓ ଝୁଲା, ଆଫଗାନିସ୍ତାନରୁ ଆସୁଥିବା ଡ୍ରାଇ ଫ୍ରୁଟସ, ଜର୍ମାନୀର ଡିଜାଇନର୍ ଲ୍ୟାମ୍ପର ମଧ୍ୟ ଚାହିଦା ପରିଲକ୍ଷିତ ହେଉଛି।

### ମହିଳାଙ୍କ ପସନ୍ଦ କୋରିଆର ଆସେସୋରିଜ୍

କୋରିଆର ଆସେସୋରିସ ବର୍ତ୍ତମାନ ସମୟର ଏକ ବଡ ଟ୍ରେଣ୍ଡରେ ପରିଣତ ହେଲାଣି। କାନଫୁଲ, ନେକଲେସଠୁ ବ୍ରେସଲେଟ ଏବଂ ଅନ୍ୟାନ୍ୟ ଗହଣାକୁ ମେଳାରେ ବେଶ ଆଦର ମିଳୁଥିବା ପରିଲକ୍ଷିତ ହେଉଛି। ଏସମସ୍ତ ଉପକରଣର ମୂଲ୍ୟ ମଧ୍ୟ ଲୋକଙ୍କୁ ସୁହାଇଲା ଭଳି ଥିବାରୁ ଏହାକୁ ବେଶ ପସନ୍ଦ କରୁଛନ୍ତି ଯବପିଢି। ବିଶେଷକରି କଲେଜ ଛାତ୍ରୀଙ୍କ ମଧ୍ୟରେ କୋରିଆନ ଡ୍ରାମାର କ୍ରେଜ ଥିବାରୁ ଏହି ଗହଣାକୁ ଅଧିକ କିଣୁଛନ୍ତି ବୋଲି ଦୋକାନୀ କହିଥିଲେ।

## ନିଶାମୁକ୍ତ ଓଡ଼ିଶା ସଂକଳ୍ପ ପାଳନ କରନ୍ତୁ ସରକାର

ଭୁବନେଶ୍ୱର,୨୧।୯ (ସମିସ): ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ଗତ ସାଧାରଣ ନିର୍ବାଚନ ସମୟରେ ଓଡ଼ିଶାବାସୀଙ୍କ ନିକଟରେ ବିଜେପି ସଂକଳ୍ପ ପତ୍ର ଘୋଷଣା କରିଥିବାବେଳେ ରାଜ୍ୟ ସରକାର କିନ୍ତୁ ବନ୍ଦ ଥିବା ମଦ ଦୋକାନ ଖୋଲିବା ଓ ତିନୋଟି ନୂଆ ମଦ କାରଖାନା ପ୍ରତିଷ୍ଠା ଲାଗି ଦେଇଥିବା ସୂଚନା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଓଡ଼ିଶା ମଦମୁକ୍ତି ଅଭିଯାନ ପକ୍ଷରୁ କୁହାଯାଇଛି। ସରକାର ତାଙ୍କ ନିଷ୍ପତ୍ତି ବଦଳାଇ ନିର୍ବାଚନୀ ସଂକଳ୍ପକୁ ସାକାର କରିବା ଲାଗି ଓଡ଼ିଶା ନିଶା ନିବାରଣ ଆଇନ୍ ୧୯୫୬କୁ ସଂଶୋଧନ ସହିତ ତୁରନ୍ତ କଡ଼ାକଡ଼ି ଭାବେ ଲାଗୁ କରିବାକୁ ଅଭିଯାନ ଦାବି କରିଛି।

ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ପର୍ଯ୍ୟନ୍ତ ନେତାମାନେ ନିଶାର ଭୟାବହତାକୁ ଉପଲବ୍ଧି କରି ରାଜ୍ୟର ୩୦ଟି ଯାକ ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ଆର୍ଥିକ ଅନୁଦାନରେ ନିଶାମୁକ୍ତ ଭାରତ ଅଭିଯାନ ଚଳାଉଥିବାବେଳେ ନିଶା ଯୋଗୁଁ ଅପରାଧ ଘଟୁଥିବା ଘେନି ଅବକାରୀ ବିଭାଗ ନିକଟରେ କୌଣସି ତଥ୍ୟ ନଥିବା ଓ ଓଡ଼ିଶାରେ ନିଶା ନିବାରଣ ଲାଗୁ କରିବା ଲାଗି ସରକାରଙ୍କ କୌଣସି ପ୍ରସ୍ତାବ ନଥିବା ସଂକ୍ରାନ୍ତରେ ଯେଉଁ ବକ୍ତବ୍ୟ ପ୍ରକାଶ ପାଇଛି, ସେଥିପାଇଁ ମଦମୁକ୍ତି ଅଭିଯାନ ଉଦ୍‌ବେଗ ପ୍ରକାଶ କରିଛି। ରାଜ୍ୟ ସରକାର 'ନିଶା ନୁହେଁ, ଜୀବନ ଚାହୁଁ' ସ୍ଲୋଗାନ୍ ଦେଉଥିବାବେଳେ ମଦ କାରଖାନା ବସାଇବା ଓ ବନ୍ଦ ଥିବା ମଦ ଦୋକାନ ଖୋଲିବା ନେଇ ଯେଉଁ ସମ୍ବାଦ ପ୍ରକାଶ ପାଉଛି ତାହା ଚିନ୍ତାଜନକ ବୋଲି ମଦମୁକ୍ତି ଅଭିଯାନର ଅନ୍ୟତମ ପରାମର୍ଶଦାତା ପ୍ରହଲାଦ କୁମାର ସିଂହ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଗୋଟିଏ ପଟେ ଚୋରା ନିଶା କାରବାର ରୋକିବା ପାଇଁ ସରକାର 'ଅପରେସନ୍ ପ୍ରହାର' ନାମରେ ଏକ କାର୍ଯ୍ୟକ୍ରମ ଚଳାଇଥିବାବେଳେ ଅନ୍ୟପଟେ ଅବକାରୀ ମାମଲାରେ ଫଇସଲା ଓ ଦଣ୍ଡବିଧାନ ହାର ଅତି ନଗଣ୍ୟ ରହୁଛି। ସରକାରୀ ପରିସଂଖ୍ୟାନ ମୁତାବକ ସାରା ରାଜ୍ୟରେ ୧,୪୮,୩୧୬ଟି ଅବକାରୀ ମାମଲା ବିଚାରାଧୀନ ଥିବାବେଳେ ୫ବର୍ଷରେ ମାତ୍ର ୨୧୨ଟିରେ ଦଣ୍ଡବିଧାନ ହୋଇଛି। ୨୦ ହଜାର ୬୫ରେ ଅଭିଯୁକ୍ତ ଖଲାସ ହୋଇଛନ୍ତି।

## ବୃଦ୍ଧାଶ୍ରମରେ ବିଶ୍ୱ ଆଲଜାଇମର୍ସ ଦିବସ

ଭୁବନେଶ୍ୱର, ୨୧।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ବୁଢ଼ୀବଗିଚାସ୍ଥିତ ଜୀବନଧାରା ବୃଦ୍ଧାଶ୍ରମଠାରେ ହେଲ୍ପ ଏଜ୍ ଇଣ୍ଡିଆ ପକ୍ଷରୁ ଏହାର ସାର୍ଥକ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ବିଶ୍ୱ ଆଲଜାଇମର୍ସ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୃଦ୍ଧାଶ୍ରମର ସମସ୍ତ ଅଧିବାସୀ ଓ କର୍ମକର୍ତ୍ତା ଭାଗ ନେଇଥିଲେ। ହେଲ୍ପ ଏଜ୍ ଇଣ୍ଡିଆ ପକ୍ଷରୁ କାର୍ଯ୍ୟକ୍ରମ ସଂଯୋଜିକା ଅନସୂୟା ଦାସ ଏହାକୁ ପରିଚାଳନା କରିଥିଲେ। ସେ ଆଲଜାଇମର୍ସ ସ୍ଥିତି ବିଷୟରେ ବିଶେଷ ସୂଚନା ପ୍ରଦାନ କରିବା ସହ ଅଧିବାସୀମାନଙ୍କ ସହିତ ବିଭିନ୍ନ ନାଚ, ଗୀତ, ଖେଳ ଆଦି କରିଥିଲେ। ବୃଦ୍ଧାଶ୍ରମ ଅଧିବାସୀମାନେ ନିଜ ଜୀବନର ପୁରୁଣା ସ୍ମୃତିକୁ ମନେପକାଇ ଆଲୋଚନା କରିଥିଲେ।



## ଆଇଏନ୍‌ଟିୟୁସି କାର୍ଯ୍ୟକାରିଣୀ ବୈଠକ | କାର୍ଯ୍ୟରତ ଶ୍ରମିକଙ୍କ ସାମାଜିକ ସୁରକ୍ଷାକୁ ଗୁରୁତ୍ୱ

ଭୁବନେଶ୍ୱର,୨୧।୯ (ସମିସ): ରାଜ୍ୟରେ ଜଙ୍ଗଲ ଖଣି ଖାଦନ ତଥା ନିର୍ମାଣ ଓ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ମାନଙ୍କର ସାମାଜିକ ସୁରକ୍ଷା ପାଇଁ କଂଗ୍ରେସ ସର୍ବଦା ସହଯୋଗ କରିବ। ବିଶେଷ କରି ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧିତ ଯେକୌଣସି ଆନ୍ଦୋଳନକୁ ରାଜ୍ୟ କଂଗ୍ରେସ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସହିତ ସହଯୋଗ କରିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ରବିବାର ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଓଡ଼ିଶା ଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗ ଦେଇ ଆଗାମୀ ଦିନରେ ଓଡ଼ିଶାରେ କଂଗ୍ରେସକୁ ସୁଦୃଢ଼ କରିବା ସହିତ ସରକାର ଗଠନ କରିବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଦସ୍ୟମାନଙ୍କ ସହଯୋଗ କାମନା କରିଛନ୍ତି।



କାର୍ଯ୍ୟକ୍ରମରେ କଂଗ୍ରେସ ବିରୋଧୀ ଦଳର ନେତା ରାମଚନ୍ଦ୍ର କାଡାମ୍ କହିଛନ୍ତି ଯେ ଆଇଏନ୍‌ଟିୟୁସିର ସମସ୍ତ କାର୍ଯ୍ୟକୁ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ସଭାରେ ଡଃ ରାମଚନ୍ଦ୍ର ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ଭବିଷ୍ୟନିଧି ୟୁନିଅନ ଓଡ଼ିଶା ଶାଖାର ସଭାପତି ଭାବେ ଡଃ ରାମଚନ୍ଦ୍ର ଖୁଣ୍ଟିଆ, ପ୍ରାକ୍ତନ ସାଂସଦଙ୍କୁ ନିର୍ବାଚିତ କରିଥିବାରୁ ରାଜ୍ୟ କାର୍ଯ୍ୟକାରିଣୀ ତରଫରୁ ଭବିଷ୍ୟନିଧି ସଂଗଠନର କାର୍ଯ୍ୟକର୍ତ୍ତାମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଓ ଅନୁରୂପ ଭାବେ ଭବିଷ୍ୟନିଧି ସଂସ୍ଥାର ଅଲେଖଚନ୍ଦ୍ର ସାହୁ ଆଗାମୀ ଦିନରେ ଭବିଷ୍ୟନିଧି ସଂଗଠନ ସଭାପତି ଡଃ ଖୁଣ୍ଟିଆଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଡଃ ଖୁଣ୍ଟିଆ ତାଙ୍କ ଅଭିଭାଷଣରେ ସମଗ୍ର ରାଜ୍ୟରେ ଶ୍ରମିକ ମାନଙ୍କର ସମସ୍ୟା ଉପରେ ଆଲୋକପାତ କରି ରାହୁଲ ଗାନ୍ଧୀଙ୍କ ଜାତି ଜନଗଣନା ପ୍ରସ୍ତାବକୁ କେନ୍ଦ୍ର ସରକାର ଗ୍ରହଣ କରିଥିବାରୁ ଧନ୍ୟବାଦ ଦେବା ସହିତ ଆଗାମୀ ଦିନରେ ସ୍ୱଚ୍ଛ ନିର୍ବାଚନ ପାଇଁ ରାହୁଲ ଗାନ୍ଧୀଙ୍କ ଏସ୍‌ଆଇଆର ମାଧ୍ୟମରେ ଭୋଟର ତାଲିକା ପ୍ରସ୍ତୁତ କରିବା ପ୍ରସ୍ତାବକୁ ମଧ୍ୟ ଭୂଇୟସି ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ କିଶୋର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ମଦନ ମୋହନ ଧଳ ଉପସଭାପତି ସମସ୍ତ ପ୍ରସ୍ତାବ ଗୁଡ଼ିକୁ ପରିଚାଳନା କରିଥିଲେ।

### କଳିଙ୍ଗ ଦୁର୍ଗାପୂଜା କମିଟି

## ତୋରଣରେ ଶୋଭାପାଇବ ଆମେରିକା ପେଚା




ନନ୍ଦନକାନନ, ୨୧।୯ (ସମିସ): ଭୁବନେଶ୍ୱର ଶିଖରଚଣ୍ଡୀ କିସ୍ ରୋଡ୍‌ରେ କଳିଙ୍ଗ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଚଳିତ ବର୍ଷ ତୃତୀୟ ବାର୍ଷିକ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ଚଳିତବର୍ଷ ଏହି ପୂଜାକୁ ବେଶ୍ ଜାକଜମକରେ ପାଳନ କରିବାକୁ କମିଟି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଚଳିତବର୍ଷ ତୋରଣରେ ଆମେରିକାର ପେଚା ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସେହିପରି ୬୨ଫୁଟ୍‌ର ରାବଣ ପୋଡ଼ି ଅନ୍ୟତମ ଆକର୍ଷଣ ହେବ ବୋଲି କମିଟି ପକ୍ଷରୁ ଆଜି ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି।



ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ପୂଜା କମିଟି ସଦସ୍ୟ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ମାଆଙ୍କ ପେଣ୍ଡାଲରେ ଆମେରିକା ଲସ୍ ଭେଗାସ୍‌ର ପ୍ରସିଦ୍ଧ ଇଲେକ୍ଟ୍ରିକ ଡାଇସି କାର୍ଣ୍ଣିଭାଲର କାଇନେଟିକ ପେଚା ପ୍ରତିକୃତିର ତୋରଣ କରାଯାଇଛି। ଚଳିତ ବର୍ଷ ପ୍ରଥମ କରି ୨୭ ତାରିଖରୁ ୪ରାତି ଅପେରା ପାର୍ଟି ଯାତ୍ରା ପରିବେଷଣ କରିବେ। ମହାଷ୍ଟମୀ ଓ ନବମୀରେ ମେଲୋଡି ହେବାକୁ ଥିବାବେଳେ ଦଶମୀରେ ୬୨ଫୁଟର ରାବଣ ପୋଡ଼ି କାର୍ଯ୍ୟକ୍ରମ ରହିଛି। ଅପେରସନ ସିନ୍ଦୂର ଆଧାରିତ ଏକ କଳାକୃତି ପ୍ରଦର୍ଶନୀ ରଖାଯାଇଛି।

### ଅନ୍ୟତମ ଆକର୍ଷଣ ୬୨ଫୁଟ୍‌ର ରାବଣ ପୋଡ଼ି

କିସ୍ ରୋଡ୍ ଦେଇ ପ୍ରବେଶ ପଥରେ ଲାଇଟ୍ ଗେଟ୍ ଆକର୍ଷଣ ପାଲଟିବ। ମା'ଙ୍କ ଦର୍ଶନ ପାଇଁ ମହିଳା ଓ ପୁରୁଷଙ୍କ ପାଇଁ ଅଲଗା ଧାଡ଼ି କରାଯିବ। ସେହିପରି ଦିବ୍ୟାଙ୍ଗଙ୍କ ପାଇଁ ହୁଇଲ ଚେୟାର ବ୍ୟବସ୍ଥା ରହିବ। ସୁରକ୍ଷା ଓ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ସିସିଟିଭି ଓ ଶହେରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଓ ପୁଲିସ ନିୟୋଜିତ ରହିବେ। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ କରାଯାଉଛି। ଭସାଣି ଦିନ ପାରମ୍ପରିକ ବାଦ୍ୟ ନୃତ୍ୟ ଗୀତରେ ମା'ଙ୍କୁ ବିଦାୟ ଦିଆଯିବ। ସାମ୍ବାଦିକ ସମ୍ମିଳନୀରେ କମିଟିର ସଭାପତି ତପନ କୁମାର ଚକ୍ରବର୍ତ୍ତୀ, ସମ୍ପାଦକ ସୂର୍ଯ୍ୟକାନ୍ତ ହରିଚନ୍ଦନ, କାର୍ଯ୍ୟକାରୀ ସଭାପତି ସନ୍ତୋଷ ହରିଚନ୍ଦନ, କୋଷାଧ୍ୟକ୍ଷ ଉମାଶଙ୍କର ପାଟଶାଣୀ, ସଂଯୋଜକ ସୁଜିତ ପାଲଟାସିଂ, ଉପସଭାପତି ତପନ ପ୍ରଧାନ, ଉପଦେଷ୍ଟା ମିଟୁ ପାତ୍ର, ଶୁଭକାନ୍ତ ରାଉତରାୟ, ବିରଞ୍ଚି ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ।

## ନିଶାମୁକ୍ତ ଯୁବ ଭାରତ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୧।୯ (ସମିସ): ସାମାଜିକ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଓଡ଼ିଶା ଓ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶାର ମିଳିତ ସହଯୋଗରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ପରିସରରେ ନିଶା ମୁକ୍ତ ଭାରତ ଯୁବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ କ୍ରୀଡ଼ା ଓ ଯୁବ ସେବା ବିଭାଗ ଓଡ଼ିଶାର ରାଷ୍ଟ୍ର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଯୋଗ ଦେଇଥିଲେ। ଯୁବକ ମାନେ ଜାଗ୍ରତ ହେଲେ, ନିଶା ଦୂରେଇ ଯିବା ସହିତ, ଦେଶ ବହୁତ୍ ଆଗକୁ ବଢିବ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏହି ଅଭିନବ ପ୍ରୟାସ ଓଡ଼ିଶାରେ କରାଯାଇଛି ବୋଲି ରାଜ୍ୟ ନିର୍ଦ୍ଦେଶକ ଶିବାଜୀ ଖରଟ କହିଥିଲେ। ସମାଜସେବୀ ଓମ ପ୍ରକାଶ ମିଶ୍ର ବିଭିନ୍ନ ସରକାରୀ ସହାୟତା ଉପରେ ଆଲୋକପାତ କରିଥିଲେ। ଡ଼ ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଞ୍ଚାଳନ କରାଯାଇଥିଲା। ଏଥିରେ ଆଲୋଚନା କରିବା ପାଇଁ ପତାଞ୍ଜଳି ଯୋଗ ଭାରତର ପୀତାମ୍ବର ସାହୁ, ରାମକୃଷ୍ଣ ମଠରୁ ସ୍ୱାମୀ ମହେଶମୁନନ୍ଦ, ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଦ୍ୟାଳୟର ଭୁବନେଶ୍ୱର ମୁଖ୍ୟ ଦୁର୍ଗେଶ ନନ୍ଦିନୀ ଭଉଣୀ, ସତ୍ୟ ସାଇ ଅନୁଷ୍ଠାନରୁ ଡ. ମୃଣ୍ମୟୀ ରଥ, ସଭାପତି ରାଜ୍ୟ ମନସ୍ତତ୍ୱ ଅନୁଷ୍ଠାନ ଡ଼ ଶୁଭେନ୍ଦୁ ନାରାୟଣ ମିଶ୍ର, ପୂର୍ବତନ ସୈନିକ କରୁଣାକର ଦଳସିଂ ରାୟ ଓ ନିଶା ମୁକ୍ତ କର୍ମୀ ଡ଼ ମହମ୍ମଦ ଇମ୍ରାନ ଅଲି ଆଲୋଚନା କରିଥିଲେ।

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଫିସ୍ ଘେରାଉ ୨୨ରେ

ଭୁବନେଶ୍ୱର,୨୧।୯ (ସମିସ): ସୈନିକ ସ୍କୁଲର ୨୦ଏକରରୁ ଅଧିକ ଜମିରେ ଅଳିଆ ଗଦା ଯୋଗୁଁ ଅସହ୍ୟ ଦୁର୍ଗନ୍ଧ, ପରିବେଶ ପ୍ରଦୂଷଣ ଶ୍ୱାସ, ଚର୍ମ ରୋଗ ଏବଂ ସମ୍ଭାବ୍ୟ କର୍କଟ ରୋଗ ସମେତ ଜନସ୍ୱାସ୍ଥ୍ୟ ବିପଦ ସୃଷ୍ଟି ହୋଇଚାଲିଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଏବଂ ସ୍ୱାସ୍ଥ୍ୟ ବିପଦକୁ ଅଣଦେଖା କରି ଉପଯୁକ୍ତ ତଦାରଖ ବିନା ସିଟିଓ ଜାରି କରିଥିଲେ। ଅଳିଆ ଗଦା ହଟାଅ ଅଭିଯାନ, ବିଏମସି ଓ ପରିବେଶ ନିୟନ୍ତ୍ରଣ ବୋର୍ଡର ମିଳିତ ଅନୁସନ୍ଧାନ ୯ ସେପ୍ଟେମ୍ବରରେ ନିଶ୍ଚିତ କରାଯାଇଥିଲା। ପ୍ରକ୍ରିୟାକରଣ ୟୁନିଟ୍ ପାଇଁ କୌଣସି ବୈଧ କାଗଜ ପତ୍ର ନାହିଁ। ୭ ଦିନ ମଧ୍ୟରେ ସେଠାରୁ ସବୁ ଅଳିଆ ସଫା କରିବାକୁ ବିଏମ୍‌ସିକୁ ନିର୍ଦ୍ଦେଶ ଦେଇଥିଲା। ବୋର୍ଡ କୌଣସି ନିୟମ ଅନୁପାଳନ ନ ହେବା ଜାଣିବା ସତ୍ତ୍ୱେ ସିଟିଓ ଜାରି କରିବା ଓଏସ୍‌ପିସିବି ଦ୍ୱାରା ଗୁରୁତର ପ୍ରକ୍ରିୟାଗତ ତ୍ରୁଟି, ପ୍ରଦୂଷଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ। ଏଣୁ ୨୨ ସେପ୍ଟେମ୍ବରରେ ପଟିଆ ନିକଟରେ ଥିବା ପ୍ରଦୂଷଣ ବୋର୍ଡର ଚନ୍ଦକା ଶିଳ୍ପାଞ୍ଚଳ ଆଞ୍ଚଳିକ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବ ବୋଲି ସୈନିକ ସ୍କୁଲ ବଞ୍ଚାଅ ଓ ଅଳିଆ ଗଦା ହଟାଅ ଅଭିଯାନର ପ୍ରସନ୍ନ ବିଷୋୟୀ କହିଛନ୍ତି।




# ପରିବେଶ ଅନୁକୂଳ ସାମଗ୍ରୀରେ ହେବ ତୋରଣ

### ପ୍ରତିଫଳିତ ହେବ 'ରାମାୟଣଠୁ ମହାଭାରତ ଏବଂ ମହାକାଶରୁ ଆଧୁନିକ ଦୁନିଆରେ ଭାରତର ଯାତ୍ରା'

ଭୁବନେଶ୍ୱର,୨୧।୯ (ସମିସ): ପାଖେଇ ଆସୁଛି ମା'ଙ୍କ ଆବାହନର ଦିନ। ସେଥିପାଇଁ ଚଳଚଞ୍ଚଳ ସମସ୍ତ ପୂଜା ମଣ୍ଡପ। ଚଳିତବର୍ଷ ଶହୀଦ ନଗର ଦୁର୍ଗାପୂଜା ସମିତି ପକ୍ଷରୁ ନିର୍ମିତ କାଳ୍ପନିକ ତୋରଣରେ 'ରାମାୟଣଠୁ ମହାଭାରତ ଏବଂ ମହାକାଶରୁ ଆଧୁନିକ ଦୁନିଆରେ ଭାରତର ଯାତ୍ରା' ପ୍ରତିଫଳିତ ହେବ। ଯାହାକି ପରିବେଶ ଅନୁକୂଳ ସାମଗ୍ରୀରେ ନିର୍ମାଣ କରାଯିବ ବୋଲି ସମିତି ପକ୍ଷରୁ କୁହାଯାଇଛି। ୪୮ ବର୍ଷରେ ପହଞ୍ଚିଛି ଏହି କମିଟିର ପୂଜା। ତୋରଣର ଉଚ୍ଚତା ପ୍ରାୟ ୮୫ ଫୁଟ୍ ଏବଂ ଚଉଡ଼ା ୧୩୦ ଫୁଟ୍ ରହିବ। ଏଥିପାଇଁ କୋଲକାତାରୁ ୪୦ରୁ ୫୦ ଜଣ କାରିଗର ନିୟୋଜିତ ଅଛନ୍ତି। ସେହିଭଳି ୧୨ ଫୁଟ୍ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଗଢ଼ିବାରେ କଲିକତାର କାରିଗର ଲାଗିପଡ଼ିଛନ୍ତି। ଭସାଣି ଉତ୍ସବରେ ସମ୍ପୂର୍ଣ୍ଣ ପାରମ୍ପରିକ ବାଦ୍ୟଯନ୍ତ୍ରର ଧ୍ୱନି ପ୍ରକମ୍ପିତ ହେବ। ଏହି ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ସରୋଜ ପାତ୍ର, ସୁଧୀର ଶତପଥୀ, ଉପସଭାପତି ଚନ୍ଦନ ପାଳିତ, ଅଚ୍ୟୁତ ପ୍ରସାଦ ବେହେରା, କର୍ପୋରେଟର ରାଜକିଶୋର ଦାସ, ବିଶ୍ୱ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।





### ମତାମତ

ମଣ୍ଡପରେ ପଲିଥିନ୍ ସମ୍ପୂର୍ଣ୍ଣ ଭାବେ ବ୍ୟାନ କରାଯାଇଛି। ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ସବୁ ପ୍ରକାର ସୁବିଧା ଯେପରି, ପୁରୁଷ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା ସହିତ ଭିନ୍ନକ୍ଷମ ଓ ବୟସ୍କମାନଙ୍କ ପାଇଁ ହୁଇଲ ଚେୟାରର ବ୍ୟବସ୍ଥା ମଧ୍ୟ ରହିଛି। ଶୃଙ୍ଖଳିତ ପୂଜା ପାଇଁ ଶହେରୁ ଅଧିକ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି।

**ସଚ୍ଚି ନନ୍ଦନ ନାୟକ, ସମ୍ପାଦକ**

ଏଥର କାଳ୍ପନିକ ତୋରଣଟି ବିଶେଷ ଆକର୍ଷଣ ସାଜିବ। ଯାହା ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ ସାମଗ୍ରୀରେ ନିର୍ମିତ ହୋଇଛି। ଯାହା ଧର୍ମ ଧର୍ମରୁ ଆଧୁନିକ ମିଶନ ପର୍ଯ୍ୟନ୍ତ, ପ୍ରାଚୀନ ଜ୍ଞାନ ଦ୍ୱାରା ପରିଚାଳିତ ଶାନ୍ତି ପାଇଁ ଭାରତ ଛିଡା ହୋଇଛି। ପୂରା ମଣ୍ଡପରେ ସୁରକ୍ଷାକୁ ଦୃଷ୍ଟିରେ ରଖି ସବୁଠି ସିସିଟିଭିର ବ୍ୟବସ୍ଥା କରାଯାଇଛି।

**ମନୋରଞ୍ଜନ ଦାସ, ଉପଦେଷ୍ଟା**

### ଶରତପାଳ କଲେଜ ଅଧକ୍ଷଙ୍କ ଡକ୍ଟରେଟ ଲାଭ



ଶରତପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପାଳବିହାର, ମହୁଲବରାଇ, ସାରସକଣା ଅଧକ୍ଷ ଭାବେ କାର୍ଯ୍ୟରତ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ ରୁ ଶିକ୍ଷା ବିଭାଗରେ Doctor of Philosophy (Ph. D) ଉପାଧି ପାଇବା ନିମିତ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ରେଭେନ୍ସା ବିଶ୍ୱ ବିଦ୍ୟାଳୟ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼.ସୁଦର୍ଶନ ମିଶ୍ର ଙ୍କ ତତ୍ୱାବଧାନରେ ଗବେଷଣା କରୁଥିଲେ । ଶ୍ରୀ ସାହୁଙ୍କ ସନ୍ଦର୍ଭଟି "KNOWLEDGE BELIEF AND ATTITUDE OF STAKEHOLDERS TOWARDS MOTHER TONGUE BASED MULTILINGUAL EDUCATION : A REGIONAL STUDY FROM ODISHA". ହରିୟାଣା ସ୍ଥିତ ଚୌଧୁରୀ ରଣବୀର ସିଂ ବିଶ୍ୱ ବିଦ୍ୟାଳୟ ର ଶିକ୍ଷା ବିଭାଗର Profesor Sandeep Berwal ଏବଂ ମଣିପୁର ବିଶ୍ୱ ବିଦ୍ୟାଳୟର Profesor Keisham Shitaljit Singh (Head Dept . Education) ଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଅଛି । ଡ଼. ପୂର୍ଣ୍ଣଚନ୍ଦ୍ର ସାହୁ ମୟୂରଭଞ୍ଜ ଜିଲ୍ଲା ଖେଁଷ୍ଟା ଗ୍ରାମର ସ୍ୱର୍ଗତ ବଳରାମ ସାହୁ ଏବଂ ରୁକମଣି ସାହୁଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି । ସେ ତାଙ୍କ ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ ବାରିପଦାର ଆରାଧ୍ୟ ଦେବୀ ମା' ଅମ୍ବିକା ଏବଂ ମହାପ୍ରଭୁ ଜଗନ୍ନାଥଙ୍କୁ ଅର୍ପଣ କରିବା ସହିତ ପ୍ରଫେସର ଡ଼.ଚଣ୍ଡିପ୍ରସାଦ ନନ୍ଦ (Director Odisha Research Centre, BBSR) ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼.ଶରତ କୁମାର ରାଉତ ନିଜ ପିତାମାତା, ଧର୍ମପତ୍ନୀ ମିନାରାଣୀ ସାହୁ, କନ୍ୟା ଶ୍ରୁତିରେଖା ସାହୁ, ପୁତ୍ର ପ୍ରିତମ କୁମାର ସାହୁ, ସମସ୍ତ ପରିବାର ବର୍ଗ, ସମସ୍ତ ସହକର୍ମୀ ଏବଂ ବନ୍ଧୁ ମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି ।

# ଭୁବନେଶ୍ୱର ସିଟି



# ମହଙ୍ଗା ପଡ଼ିଲା ରାତାରାତି କୋଟିପତି ହେବା ସ୍ୱପ୍ନ

**ସାଇବର ଠକ ନେଇଗଲେ ୧୨ଲକ୍ଷ ଟଙ୍କା**

ଭୁବନେଶ୍ୱର,୨୧।୯ (ସମିସ): ବିଟ୍ କଏନ୍‌ରେ ଟଙ୍କା ଲଗାଇ କୋଟପତି ହେବାକୁ ସାଇବର ଠକ ସ୍ୱପ୍ନ ଦେଖାଇଥିଲେ। ଆଉ ଠକଙ୍କ କଥାରେ ପଡ଼ି କୋଟି ପତି ହେବା ନିଶା କେତେ ଜଣଙ୍କ ପାଇଁ ମହଙ୍ଗା ପଡ଼ିଛି। ସାଇବର ଠକ ଯୁବକଙ୍କ ଆକାଉଣ୍ଟରୁ ୧୨ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଠକାମିର ଶିକାର ବିନୋଦ ବେହେରା ଏନେଇ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଟଙ୍କା ଯାଇଥିବା ୩ଟି ଆକାଉଣ୍ଟକୁ ଫ୍ରିଜ୍ କରିବା ପାଇଁ ପୁଲିସ ଚିଠି ଲେଖିଛି। ଏହି ଟଙ୍କା ରାଜ୍ୟ ବାହାରର ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଯାଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ବିନୋଦ ନିକଟକୁ ଏକ ଅଜଣା ନମ୍ବରରୁ ମେସେଜ ଆସିଥିଲା। ଯେଉଁଥିରେ ବିଟ୍ କଏନ୍‌ରେ ଟଙ୍କା ଲଗାଇ ଦୁଇଗୁଣା ପାଇବାର ଲୋଭ ଦେଖାଇଥିଲେ। ଏହି ମେସେଜ୍ ବିନୋଦ ପଢ଼ିବା ପରେ ଟଙ୍କା ଲଗାଇବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ସେ ମେସେଜ୍ ଆସିଥିବା ଫୋନ୍ ନମ୍ବରକୁ କଲ୍ କରି ବୁଝିଥିଲେ। ସାଇବର ଠକ ତାଙ୍କୁ ଏକ ଆପ୍ ଡାଉନ୍‌ଲୋଡ୍ କରିବାକୁ କହିଥିଲେ। ଏହାକୁ ଡାଉନ୍‌ଲୋଡ୍ କରିବା ପରେ ନିଜର ସମସ୍ତ ତଥ୍ୟ ଦେଇ ରେଜିଷ୍ଟ୍ରେସନ କରିବାକୁ ପଡ଼ିବ। ଏହାପରେ ସେଥିରେ ଟଙ୍କା ଲଗାଇ ପ୍ରତିଦିନ ମାଇନିଂ କରିଲେ ଟଙ୍କା ଦୁଇଗୁଣା ହେବ ବୋଲି କହିଥିଲେ। ସାଇବର ଠକ କହିବା ଅନୁସାରେ ବିନୋଦ ଆପ୍ ଡାଉନ୍‌ଲୋଡ୍ କରି ରେଜିଷ୍ଟ୍ରେସନ କରିଥିଲେ। ପରେ ସେଥିରେ ଟଙ୍କା ଲଗାଇଥିଲେ। ପ୍ରଥମେ ସେ ୫ ହଜାର ଟଙ୍କା ଲଗାଇବା ପରେ ସାଇବର ଠକ ବିଶ୍ୱାସ ଜିଣିବା ପାଇଁ ୧୦ ହଜାର ଟଙ୍କା ଦେଇଥିଲେ। ଏହିଭଳି ପାଖାପାଖି ୧୨ଲକ୍ଷ ଟଙ୍କା ନେଇଗଲେ ସାଇବର ଠକ। ବିନୋଦ ଜାଣିବା ପରେ ପ୍ରଥମେ ମେସେଜ୍ ଆସିଥିବା ଫୋନ୍ ନମ୍ବରକୁ କଲ୍ କରିଥିଲେ ମଧ୍ୟ ତାହା ବନ୍ଦ ରହିଥିଲା। ବିନୋଦ ଠକାମିର ଶିକାର ହୋଇଥିବା ଜାଣି ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ।

**ଖୋଲୁଛି ଦୀପକର ଗୁମର**

# ଟଙ୍କା ଦେଇ ଟ୍ରକ୍ ଯୋଗାଡ଼ କରିଥିଲା ଦୀପକ

ଭୁବନେଶ୍ୱର,୨୧।୯ (ସମିସ):



ଶୁଭମିତ୍ରା ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଦୀପକ ଲାଗି ଅଡୁଆ ବଢ଼ିବାରେ ଲାଗିଛି। ଏହି ହତ୍ୟାକାଣ୍ଡରେ କ୍ୟାପିଟାଲ ଥାନା ପୁଲିସ ଦୀପକ, ମାଉସୀ ପୁଅ ଭାଇ ପପୁ ଓ ଜମି ମାଲିକ ଜଟିଆକୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ପ୍ରମାଣ ଯୋଗାଡ଼ କରିବାରେ ଲାଗି ପଡ଼ିଛି। ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କ ମୃତ୍ୟୁ ଘଟଣାରେ ମଧ୍ୟ ଦୀପକ ଛନ୍ଦି ହୋଇଛି। ଅପର୍ଣ୍ଣା ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଦୀପକ ଅଭିଯୋଗ କରିଥିବା ବେଳେ ଶାଳୀ ରୋଜାଲିନ ତା' ବିରୋଧରେ ହତ୍ୟା ଅଭିଯୋଗ ଆଣିଛନ୍ତି। ଅପର୍ଣ୍ଣା ହତ୍ୟା ଘଟଣାର ତଦନ୍ତ କରୁଥିବା ପୁଲିସ ହାତରେ ଚାଞ୍ଚଲ୍ୟକର ତଥ୍ୟ ଲାଗିଛି। ଦୁର୍ଘଟଣା ଘଟାଇଥିବା ଟ୍ରକର ଦୀପକ ଟଙ୍କା ଦେଇ ଯୋଗାଡ଼ କରିଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ଦୀପକ ୨୦୨୨ ମସିହା ମାର୍ଚ୍ଚ ମାସ ୧୭ ତାରିଖ ଦିନ ତା'ର ପ୍ରଥମ ପତ୍ନୀ ଅପର୍ଣ୍ଣା (ରାଜସ୍ୱ ନୀରିକ୍ଷକ) ଙ୍କୁ ଧରି କାର ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିଲା। ଖୁଣ୍ଟୁଣି ଥାନା ରାଧାକିଶୋରପୁରଠାରେ ଅପର୍ଣ୍ଣା ପରିସ୍ରା କରିବାକୁ ଯାଉଥିବା ବେଳେ ଟ୍ରକ୍ ଧକ୍କା ଦେଇଥିଲା। ପରବର୍ତ୍ତୀ ସମୟରେ ଅପର୍ଣ୍ଣା ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ଘଟଣା ଦିନ ଖୁଣ୍ଟୁଣୀ ଥାନା ପୁଲିସକୁ ଦୁର୍ଘଟଣା ନେଇ କୌଣସି ସୂଚନା ଦେଇ ନ ଥିଲା। ଘଟଣାର ଦୁଇ ଦିନ ପରେ ଅର୍ଥାତ୍ ମାର୍ଚ୍ଚ ୧୯ ତାରିଖ ଦିନ ଦୀପକ ଖୁଣ୍ଟଣୀ ଥାନାର ଦ୍ୱାରସ୍ଥ ହୋଇଥିଲା। ଓଡ଼ି-୦୨-ଏସ୍-୩୪୮୬ ନମ୍ବର ବିଶିଷ୍ଟ ଏକ ଟ୍ରକ ଅପର୍ଣ୍ଣାଙ୍କୁ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା ଦୀପକ ଏତଲାରେ ଦର୍ଶାଇଥିଲା। ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳକୁ ଯାଇ

## ଦୁର୍ଘଟଣା ରୂପ ଦେବାକୁ କରିଥିଲା ଉଦ୍ୟମ

ତଦନ୍ତ କରିଥିଲେ ମଧ୍ୟ ଦୁର୍ଘଟଣା ବିଷୟରେ କେହି କିଛି କହିପାରି ନଥିଲେ। ଏହାପରେ ପୁଲିସ ଟ୍ରକ୍‌ର ମାଲିକଙ୍କୁ ଥାନାକୁ ଡକାଇ ପଚରାଉଚରା କରିଥିଲା। ତାଙ୍କ ଗାଡ଼ି ହିଁ ଦୁର୍ଘଟଣା ଘଟାଇଥିବା ଗାଡ଼ି ମାଲିକ କହିଥିଲେ। ସେଦିନ ଗାଡ଼ି ସେହି ରାସ୍ତା ଦେଇ ଯାଇଛି କି ନାହିଁ ଚାଳକର ମୋବାଇଲ ଲୋକେସନରୁ ଜଣାପଡ଼ିଯିବ ବୋଲି ପୁଲିସ କହିବାରୁ ଗାଡ଼ି ମାଲିକ ହଡ଼ବଡ଼େଇ ଯାଇଥିଲେ। ଅଡୁଆ ପ୍ରଶ୍ନରେ ଛନ୍ଦି ହୋଇ ପୁଲିସ ଆଗରେ ସତ କହିଥିଲେ। ଜଣେ ମଧ୍ୟସ୍ଥି ମାଧ୍ୟମରେ ଦୀପକ ତାଙ୍କୁ କିଛି ଟଙ୍କା ଦେଇଥିଲା। ବଦଳରେ ତାଙ୍କ ଗାଡ଼ି ଦୁର୍ଘଟଣା ଘଟାଇଛି ବୋଲି ପୁଲିସ ଆଗରେ କହିବାକୁ କହିଥିଲା। ଏ ସବୁ ପରେ ଅପର୍ଣ୍ଣାଙ୍କ ପରିବାର ଲୋକଙ୍କୁ ଡାକି କୌଣସି ଅଭିଯୋଗ ଥିଲେ ଲିଖିତ ଦେବାକୁ ପୁଲିସ କହିଥିଲା। ହେଲେ ଦୀପକର ଅଭିନୟ ସେମାନଙ୍କୁ ମଧ୍ୟ ଦ୍ୱନ୍ଦ୍ୱରେ ପକାଇଥିଲା। ଜ୍ୱାଇଁ ଯେ କୌଣସି କାଣ୍ଡ ଘଟାଇଥିବ ତାକୁ ପରିବାର ଲୋକେ ବିଶ୍ୱାସ କରି ପାରିନଥିଲେ। ଫଳରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇ ନଥିଲା। ଅଭିଯୋଗ ନଥିବାରୁ ପୁଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଥିଲା। ହେଲେ ସେଥିରେ ମଧ୍ୟ କିଛି ସନ୍ଦେହ ହେବା ଭଳି ମତାମତ ଆସିନଥିଲା। ଏହାପରେ ଦୀପକ ଜଣେ ମଧ୍ୟସ୍ଥିକୁ ଥାନାକୁ ପଠାଇଥିଲା। ଉକ୍ତ ଗାଡ଼ି ଦୁର୍ଘଟଣା ଘଟାଇଥିବା ଦର୍ଶାଇଲେ ମୋଟର ଆକ୍ସିଡେଣ୍ଟ କ୍ଲେମ୍ ଟ୍ରିବ୍ୟୁନାଲ (ଏମ୍ଏସିଟି) କେସ୍ କରି କ୍ଷତିପୂରଣ ଦାବି କରାଯାଇ ପାରିବ ବୋଲି ମଧ୍ୟସ୍ଥି ପୁଲିସକୁ କହିଥିଲେ। ହେଲେ ପୁଲିସ ସେଥିରେ ରାଜି ହୋଇନଥିଲା। ଏଥିସହିତ ଟ୍ରକର ସଂପୃକ୍ତି ନେଇ ପ୍ରମାଣ ନ ମିଳିବାରୁ ପୁଲିସ ଏଫ୍ଆରଟି ନୋ କ୍ଲୁ କରି ମାମଲାକୁ ବନ୍ଦ କରି ଦେଇଥିଲା। ଏହାପରେ ମଧ୍ୟ ପୁଲିସର ତଦନ୍ତକୁ ଚ୍ୟାଲେଞ୍ଜ କରିଥିଲା ଦୀପକ। ତଦନ୍ତରେ ତ୍ରୁଟି ଥିବା ଦର୍ଶାଇ କୋର୍ଟରେ ପ୍ରୋଟେଷ୍ଟ ପିଟିସନ୍ ଦାଖଲ କରିଥିଲା।

## ଡାକ୍ତର ସମସ୍ୟା ନେଇ ନାଓ ସମ୍ମିଳନୀରେ ଉଦ୍‌ବେଗ

ଭୁବନେଶ୍ୱର, ୨୧।୯ (ସମିସ): ବିଭିନ୍ନ କାରଣରୁ ଏବେ ସାରା ଦେଶରେ ସ୍ନାୟୁଜନିତ ରୋଗ ବଢ଼ିବାରେ ଲାଗିଛି। ଓଡ଼ିଶାରେ ମଧ୍ୟ ସ୍ଥିତି ସମାନୁପାତିକ ଭାବେ ବଢ଼ିଛି। ମାତ୍ର ଏହି ରୋଗର ଚିକିତ୍ସା କରାଉଥିବା ବିଭାଗୀୟ ଡାକ୍ତରମାନଙ୍କ ସଂଖ୍ୟା ବହୁତ କମ୍। ଏଥିପାଇଁ ସ୍ନାୟୁ ରୋଗ ବିଭାଗ ବିଶେଷଜ୍ଞ ତଥା ଡାକ୍ତରମାନଙ୍କ ପାଖରେ ପ୍ରତିଦିନ ରୋଗୀଙ୍କର ଲମ୍ବା ଧାଡ଼ି ଲାଗୁଛି। ଏଭଳି ତଥ୍ୟ ଉପସ୍ଥାପନ କରି ଓଡ଼ିଶା ନ୍ୟୁରୋଲୋଜି ଆସୋସିଏସନ ପକ୍ଷରୁ ଭୁବନେଶ୍ୱରରେ ଅନୁଷ୍ଠିତ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ଡାକ୍ତରମାନେ। ନ୍ୟୁରୋଲୋଜି ଆସୋସିଏସନ୍ ଅଫ୍ ଓଡ଼ିଶା ବା ନାଓ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି ତିନିଦିନିଆ କର୍ମଶାଳା। ଅନୁଷ୍ଠାନର ସଭାପତି ଡାକ୍ତର ବି.କେ କୁଅଁରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କର୍ମଶାଳାରେ ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ ବରିଷ୍ଠ ସ୍ନାୟୁ ରୋଗ ବିଶେଷଜ୍ଞ ତଥା ନାଓର କାର୍ଯ୍ୟନିର୍ବାହୀ ସଂପାଦକ ଡା. ସୌମ୍ୟଦର୍ଶନ ନାୟକ। ଏଥିରେ ଅନ୍ୟତମ ଅତିଥିଭାବେ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ତଥା ବରିଷ୍ଠ ସ୍ନାୟୁରୋଗ ବିଶେଷଜ୍ଞ ଡା. ଅଶୋକ କୁମାର ମହାପାତ୍ର ଯୋଗ ଦେଇଥିଲେ।

# ପୁଲିସର ବିପି ବଢ଼ାଉଛି 'ଲ ଆଣ୍ଡ ଅର୍ଡର'

**ବର୍ଷକରେ ୧୫୦ରୁ ଅଧିକ ଭିଆଇପି ଡ୍ୟୁଟି ■ କାର୍ଯ୍ୟଭାର ପାଇଁ ପରିବାରଠୁ ଦୂରେଇ ଯାଉଛନ୍ତି ■ ତଦନ୍ତ ଅପେକ୍ଷା ଫାଇଲ୍ ଚାଷ ଅଧିକ**

ଭୁବନେଶ୍ୱର,୨୧।୯ (ସମିସ): ମାମଲାର ତଦନ୍ତ ଅପେକ୍ଷା 'ଲ ଆଣ୍ଡ ଅର୍ଡର' ବଢ଼ାଉଛି ପୁଲିସ କର୍ମଚାରୀଙ୍କ ବିପି। କାରଣ ତଦନ୍ତ ଅପେକ୍ଷା ସହରରେ ଲ ଆଣ୍ଡ ଅର୍ଡରୀ କାର୍ଯ୍ୟ କରି କରି ପୁଲିସ ପୁରା ହାଲିଆ ହୋଇ ପଡୁଛି। କାର୍ଯ୍ୟଭାର ବଢୁଥିବାରୁ ତାହା ପୁଲିସ ବାବୁଙ୍କ ମାନସୀକ ଚାପ ପକାଉଛି। କାରଗଣ ଏକ ବର୍ଷରେ ୧୫୦ରୁ ଅଧିକ ଭିଆଇପି ଏବଂ ଲ ଆଣ୍ଡ ଅର୍ଡର ଡ୍ୟୁଟି। ବିଶେଷ କରି କମିଶନରେଟ୍ ପୁଲିସରେ କାର୍ଯ୍ୟ କରୁଥିବା ଅଫିସରମାନେ ପ୍ରତିଦିନ ୧୮ ଘଣ୍ଟା କାର୍ଯ୍ୟ କରୁଛନ୍ତି। ଆଇନ୍ ଶୃଙ୍ଖଳା, ମାମଲାର ତଦନ୍ତ କରିବା, କେସ୍ କ୍ଲୋଜ୍ କରିବା, ଆଦି ଚାପ ପୁଲିସ ମୁଣ୍ଡ ଉପରେ ଲଦି ଦିଆଯାଉଛି। ଯାହାଫଳରେ ପୁଲିସ ବାବୁମାନେ ପରିବାର ଲୋକଙ୍କୁ ସମୟ ଦେଇ ପାରୁନି। ଥାନାରୁ କଲେ ମାତ୍ରେ କାର୍ଯ୍ୟ ଚାପ ପଡିଯାଉଛି। ଅନେକ ପୁଲିସ କାର୍ଯ୍ୟଚାପ ପାଇଁ ମାନସୀକ ଅବସାଦ ଦେଇ ଗତି କରୁଛନ୍ତି। ଯେଉଁଥି ପାଇଁ ଅନେକ ପୁଲିସ ଅଫିସର ମାନସୀକ ଅବସାଦରେ ଆସି ଆତ୍ମହତ୍ୟା ଭଳି ଘଟଣା ଭିଆଉଛନ୍ତି। ପୂର୍ବରୁ ସର୍ଭିସ ବନ୍ଧୁକରୁ ଗୁଳି ଫୁଟି ଆଇଆଇସି ଦେବ କୁମାର ଗମାଙ୍ଗ ମୃତ୍ୟୁ ଘଟିଛି। ହେଲେ ଦେବ କୁମାର ମାନସିକ ଦୁଶ୍ଚିନ୍ତା ପାଇଁ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ମିଳିଥିବା ତଥ୍ୟ ଅନୁସାରେ ଗତ ୧୦ ବର୍ଷରେ ରାଜଧାନୀରେ ୧୫ରୁ ଉଦ୍ଧ୍ୱର୍ ପୁଲିସ କର୍ମଚାରୀ ଆତ୍ମହତ୍ୟା କରିଛନ୍ତି।



### ଚାପରେ ରହୁଛନ୍ତି କର୍ମଚାରୀ

ବିପିଆରଡି ରିପୋର୍ଟ ଅନୁସାରେ ଜାତୀୟସ୍ତରରେ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ପୁଲିସ ୮ ଘଣ୍ଟା ବଦଳରେ ୧୮ ଘଣ୍ଟା ଖଟିବାକୁ ପଡୁଛି। ଜଣେ ପୁଲିସ ଅଧିକାରୀ ବାର୍ଷିକ ସର୍ବାଧିକ ୭ରୁ ୮ଟି ଅପରାଧିକ ମାମଲାର ତଦନ୍ତ କରିବା କଥା। କିନ୍ତୁ ରାଜଧାନୀରେ ଜଣେ ପୁଲିସ ଅଫିସର ହାରାହାରି ୧୨୦ଟି ମାମଲାର ତଦନ୍ତ ଦାୟିତ୍ୱ ନେଉଛି। ଜରୁରୀ କାମ ପଡ଼ିଲେ ସେମାନେ ଦିନ ରାତି ଥାନାରେ ପଡ଼ି ରହୁଛନ୍ତି। ଅନେକ ସମୟରେ ମଧ୍ୟ କେସ୍ ଶେଷ କରିବାକୁ ପୁଲିସ କର୍ମଚାରୀଙ୍କୁ ଟାର୍ଗେଟ ଦିଆଯାଉଛି। ତେଣୁ କାର୍ଯ୍ୟଭାର ଯୋଗୁଁ ଅନେକ ପୁଲିସ ବାବୁ ମାନସିକ ଚାପରେ ରହୁଛନ୍ତି।

### କର୍ମଚାରୀ ଅଭାବ

ଜନସଂଖ୍ୟା ଅନୁସାରେ ଥାନାରେ ନାହାନ୍ତି ପୁଲିସ କର୍ମଚାରୀ। ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ୧୪୦ ଜଣ ପୁଲିସ କର୍ମଚାରୀ ନିୟୋଜିତ ହେବା କଥା। କିନ୍ତୁ ରାଜଧାନୀରେ ପ୍ରତି ୧ଲକ୍ଷ ଜନସଂଖ୍ୟା ପାଇଁ ମଞ୍ଜୁରୀପ୍ରାପ୍ତ ପୁଲିସ ପଦବୀ ମାତ୍ର ୯୮। ତା' ଠାରୁ ଉଦ୍‌ବେଗଜନକ ହେଉଛି ଯେ ସେହି ୯୮ ମଞ୍ଜୁରୀପ୍ରାପ୍ତ ପଦବୀରେ ୧୫ ପ୍ରତିଶତ ଫାଙ୍କା ପଡ଼ିଛି। ନିଅଣ୍ଟିଆ ଲୋକବଳ ଓ ଭିତ୍ତିଭୂମି ଅଭାବ ଯୋଗୁଁ ପୁଲିସ ଅଧିକାରୀ ମାନସିକ ଚାପରେ ରହୁଛନ୍ତି।

### ଲୁଚାରେ ମାନସିକ ପରୀକ୍ଷା

ନିକଟରେ ଗଞ୍ଜାମରେ ପୁଲିସ କର୍ମଚାରୀଙ୍କ ମାନସିକ ସ୍ଥିତି ପରୀକ୍ଷା କରାଯାଉଛି। କିନ୍ତୁ କମିସନରେଟ୍ ପୁଲିସରେ ରିଜର୍ଭରେ ଏକ ମେଡିକାଲ ଖୋଲା ଯାଇଛି। ସେଠାରେ ପୁଲିସ ଅଧିକାରୀ ମାନସିକ ପରୀକ୍ଷା କରିପାରିବେ। କିନ୍ତୁ ଲାଜରେ ଅନେକ ପୁଲିସ ଅଧିକାରୀ ମାନସିକ ପରୀକ୍ଷା କରିବାକୁ ଆସୁନାହାନ୍ତି। ସେମାନେ ଲୁଚିଛପି ଘରୋଇ ହସ୍ପିଟାଲରେ ପରୀକ୍ଷା କରାଇ କରି ଔଷଧ ସେବନ କରୁଛନ୍ତି। ହେଲେ ସେମାନେ ଛୁଟି ନେଉ ନାହାନ୍ତି, କି ଉଚ୍ଚ ଅଧିକାରୀଙ୍କୁ ଏନେଇ ଜଣାଉ ନାହାନ୍ତି। ସେମାନଙ୍କ ନିକଟରେ ସର୍ଭିସ ବନ୍ଧୁକ ଥିବାରୁ ସେମାନେ କିଛିବି ଘଟାଇବା ସମ୍ଭାବନା ରହୁଛି।

### ଲୋକ ଲଜ୍ଜା ଭୟ

ଅନେକ ପୁଲିସ କର୍ମଚାରୀଙ୍କୁ ନିଜ ଅଜାଣତରେ କିଛି ଭୁଲ୍ କରି ବସନ୍ତି। ଆଉ ସେହି ଭୁଲ୍ ସେମାନଙ୍କ ପାଇଁ କାଳ ହୋଇଥାଏ। ଯେଉଁଥି ପାଇଁ ପୁଲିସ ହୋଇ ମଧ୍ୟ ସେ ବ୍ଲାକ୍‌ମେଲିଂର ଶିକାର ହୋଇଥାନ୍ତି। ଲୋକ ଲଜ୍ଜା ଭୟରେ ଅନେକ ପୁଲିସ କର୍ମଚାରୀ ପାଟି ଖୋଲନ୍ତି ନାହିଁ। କାଳେ କେହି ଜାଣିବା ପରେ ଘଟଣା ପ୍ରଘଟ ହୋଇଯିବ, ଆଉ ତାଙ୍କ ସମ୍ମାନ ହାନି ହେବ। ତେଣୁ ଏହି ଆଶଙ୍କା କରି ଅନେକ ପୁଲିସ କର୍ମଚାରୀ ମାନସିକ ଦୁଶ୍ଚିନ୍ତାରେ ରହି ଆତ୍ମହତ୍ୟା ଭଳି ରାସ୍ତାକୁ ଆପଣାଇ ନେଉଛନ୍ତି ପଛେ କାହାକୁ କିଛି କହିପାରନ୍ତି ନାହିଁ

## ଡିସେମ୍ବରରେ 'ନାରୀ ଓ ପରିବେଶ' ସମ୍ମିଳନୀ

ଭୁବନେଶ୍ୱର, ୨୧।୯ (ସମିସ): ମା ରମାଦେବୀଙ୍କ ୧୨୫ତମ ଜନ୍ମ ଜୟନ୍ତୀ ଅବସରରେ ରମାଦେବୀ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ପରିବେଶ କଂଗ୍ରେସ ପକ୍ଷରୁ ମିଳିତ ଭାବେ 'ନାରୀ ଓ ପରିବେଶ' ସମ୍ପର୍କିତ ଏକ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେବ। ଆସନ୍ତା ଡିସମ୍ବେର ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମା ରମାଦେବୀ ଓ ପରିବେଶ ସମ୍ପର୍କରେ ଆଲୋଚନା ହେବ। ଦେଶ ବିଦେଶରୁ ବହୁ ପରିବେଶବିତ୍ ଓ ଗବେଷକମାନେ ଯୋଗଦେବେ। ଏନେଇ ବିଶ୍ୱବିଦ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡିଚରଣ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅରବିନ୍ଦ ବେହେରା, ପୂର୍ବତନ କୁଳପତି ପ୍ରଫେସର ପଦ୍ମଜା ମିଶ୍ର, ଡ. ସେବା ମହାପାତ୍ର, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରୋ-ଭାଇସଚାଲସେଲର୍ ପ୍ରଫେସର ଶରତ ପାଲିତା, ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ, ଡ. ସୁଦର୍ଶନ ଦାସ, ଡ. ଶିଶିର ବେହେରା, ପ୍ରଫେସର ସସ୍ମିତା ମହାନ୍ତି, ଡ. ମାନସ ବେହେରା, ଡ. ରାଜକୁମାର ଜୋଶୀ ଓ ଡ. ମମତା ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିବା ସହ ସମ୍ମିଳନୀକୁ ସଫଳ କରିବା ସମ୍ପର୍କରେ ଆଲୋଚନା କରିଛନ୍ତି।

# ରାଜଧାନୀରୁ ଅପହରଣ, ଯାଜପୁରରେ ଆତ୍ମହତ୍ୟା !

ଭୁବନେଶ୍ୱର,୨୧।୯ (ସମିସ):

**ଫସିବା ଭୟରେ ମୃତଦେହ ଫିଙ୍ଗିଥିଲେ ଅପହରଣକାରୀ**

**ଚାକିରି ଦେବାକୁ ନେଇଥିଲେ ୩ କୋଟି**

**ମାଷ୍ଟରମାଇଣ୍ଡ ମହିଳାଙ୍କୁ ଖୋଜୁଛି ପୁଲିସ**

**ଗଜପତି ଜିଲ୍ଲାରୁ ୫ଜଣଙ୍କୁ ଉଠାଇଲା ପୁଲିସ**



ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧର ମୃତ୍ୟୁ ଘଟଣାରେ ହୋଇଛି ବଡ଼ ଖୁଲାସା। ମୃତ୍ୟୁ ପଛରେ ରହିଛି ଚାକିରି ସ୍କାମ୍। ଏହି ସ୍କାମ୍ ପାଇଁ ଯାଇଛି ବିଦ୍ୟାଧରଙ୍କ ଜୀବନ। ଏହି ଠକେଇ ପଛରେ ମାଷ୍ଟରମାଇଣ୍ଡ ଜ୍ୟୋତ୍ସ୍ନା ମ୍ୟାଡାମ୍‌କୁ ଖୋଜୁଛି ପୁଲିସ। ପୁଲିସ ଗତକାଲି ରାତିରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହରରୁ ୫ଜଣଙ୍କୁ ଉଠାଇଛି। ସେମାନଙ୍କୁ ପଚରାଉଚରା କରିବା ପରେ ଏହି ମୃତ୍ୟୁର ରହସ୍ୟ ଖୋଲିଛି। ଶବ ବ୍ୟବଚ୍ଛେଦ, ଡାକ୍ତରଙ୍କ ପ୍ରାଥମିକ ରିପୋର୍ଟ ଏବଂ ଅଟକ ଥିବା ୫ ଅଭିଯୁକ୍ତଙ୍କ ବୟାନ ଆଧାରରେ ଏହି ମୃତ୍ୟୁର ରହସ୍ୟ ଖୋଲିଛି। ଜ୍ୟୋତ୍ସ୍ନା ମ୍ୟାଡାମ୍ ବରମୁଣ୍ଡାରେ ଏକ କନ୍‌ସଲ୍‌ଟ୍ୟାନ୍ସି ସଂସ୍ଥା ଚଳାଉଥିଲେ। ଏହି ସଂସ୍ଥାରେ ବିଦ୍ୟାଧର ଟ୍ୟାକ୍ସି ଲଗାଇଥିଲେ। ହେଲେ ମ୍ୟାଡାମ୍‌ଙ୍କ ଯୋଜନା ଥିଲା କିଛି ଅଲଗା। ସେ ବିଦ୍ୟାଧରକୁ ମୋହରା କରିଥିଲେ। ବିଦ୍ୟାଧର ମାଧ୍ୟମରେ ସେ ଚାକିରି ଦେବା ପାଇଁ ଗଜପତି ଜିଲ୍ଲା ଏବଂ ଓଡ଼ିଶାର ଏକାଧିକ ଜିଲ୍ଲାରୁ ପିଲା ଯୋଗାଡ଼ କରିଥିଲେ। ସେମାନଙ୍କୁ ସରକାରୀ ଏବଂ କର୍ପୋରେଟ୍ ଅଫିସ୍‌ରେ ଚାକିରି ଦେବାକୁ କହି ଲକ୍ଷାଧିକ ଟଙ୍କା ସଗ୍ରହ କରିଥିଲେ। ଏହି ଟଙ୍କାରୁ ମ୍ୟାଡମ ୬୦ ପ୍ରତିଶତ ନେଇଥିବାବେଳେ ବିଦ୍ୟାଧରକୁ ୪୦ ପ୍ରତିଶତ ଦେଇଥିଲେ। କିନ୍ତୁ ଦେଇଥିବା ସମୟ ମଧ୍ୟରେ ଚାକିରି ଦେଇପାରିନଥିଲେ। ଯାହା ଫଳରେ ବିଦ୍ୟାଧରକୁ ଏକାଧିକ ଯୁବକ ଟଙ୍କା ଫେରାଇ ଦେବାକୁ କହିଥିଲେ। କିନ୍ତୁ ବିଦ୍ୟାଧର ସେମାନଙ୍କୁ ଧରାଛୁଆଁ ଦେଇନଥିଲେ। ଶେଷରେ ଟଙ୍କା ଦେଇଥିବା ଏକାଧିକ ଯୁବକ ଯୋଜନା କରି ବିଦ୍ୟାଧରକୁ ଡାକିଥିଲେ। ବିଦ୍ୟାଧର ଆସିବା ପରେ ତାଙ୍କୁ ଅପହରଣ କରି ଯାଜପୁର ଜିଲ୍ଲା ନେଇ ଏକ ଘରେ ନଜରବନ୍ଦୀ କରି ରଖିଥିଲେ। ଏପରିକି ତାଙ୍କ ପରିବାର ଲୋକଙ୍କୁ ଫୋନ୍ କରି ୨କୋଟି ଟଙ୍କା ଦେବାକୁ ମଧ୍ୟ କହିଥିଲେ। ବିଦ୍ୟାଧରକୁ ୩ଦିନ ଉକ୍ତ ଘରେ ବନ୍ଦ କରି ରଖିବା ସହ ନିର୍ଯାତନା ଦେଇଥିଲେ। ନିର୍ଯାତନା ସହ୍ୟ କରି ନପାରି ବିଦ୍ୟାଧର ଆତ୍ମହତ୍ୟା କରିଥିଲେ। ଅପହରଣ କରିଥିବା ଯୁବକ ବିଦ୍ୟାଧରକୁ ରଖିଥିବା ଘରକୁ ଯିବା ପରେ ସେ ଆତ୍ମହତ୍ୟା କରିଥିବା ଦେଖି ଭୟଭୀତ ହୋଇଯାଇଥିଲେ। ସେମାନେ କ'ଣ କରିବେ ତାହା ଭାବି ପାରିନଥିଲେ। ବରଂ ଯାଜପୁରରୁ ବିଦ୍ୟାଧରଙ୍କ ମୃତଦେହ ଆଣି ଚନ୍ଦକା-ବାରଙ୍ଗ ରାସ୍ତାର ଏକ ପାଚେରି କଡ଼ରେ ଫିଙ୍ଗି ଦେବା ସହ ଗାଡି ରଖି ପଳାଇଯାଇଥିଲେ। ପୁଲିସ ଅଟକ ରଖିଥିବା ପାରଳାଖେମୁଣ୍ଡି ସହରର କଣ୍ଡରାସାହିର ମୋଚନ ଦାସ, ଗଣେଶ ଦାସ, ଶ୍ରୀଧରନଗର-୧ର ରମେଶ ଚନ୍ଦ୍ର ବେହେରା, ଉପଲଡ଼ା ଗ୍ରାମର ଦୀପକ କୁମାର ସାହୁକାର ଏବଂ ରବୀନ୍ଦ୍ର ବେହେରାଙ୍କୁ ପଚରାଉଚରା କରିବା ପରେ ଏହି ତଥ୍ୟ ପଦାକୁ ଆସିଛି।

ଏବେ ପୁଲିସ ଠକେଇ କରିଥିବା ଜ୍ୟୋତ୍ସ୍ନା ମ୍ୟାଡାମଙ୍କୁ ଖୋଜୁଛି। ସୂଚନାଯୋଗ୍ୟ ଯେ, ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ନୀଳାଦ୍ରି ପ୍ରସାଦ ପଞ୍ଚାୟତ ଅରାଙ୍ଗ ଗ୍ରାମର ନିରଞ୍ଜନ ସାହୁ ଓ ଝୁନା ସାହୁଙ୍କ ପୁଅ ବିଦ୍ୟାଧର ୩ମାସ ପୂର୍ବେ କଟକ ବଜ୍ରକବାଟୀ ଅଞ୍ଚଳର ପ୍ରତିମା ସାହୁ (ମାମିନା)ଙ୍କୁ ବିବାହ କରିଥିଲେ। ବିବାହ ପରେ ତାଙ୍କ ସ୍ତ୍ରୀ ମାମିନାକୁ ନେଇ ଭୁବନେଶ୍ୱରର ବରଗଡ଼ ଝରଣା ସାହିରେ ରହୁଥିଲେ। ଗତ ୧୫ ତାରିଖରେ ବିଦ୍ୟାଧର ଗାଡ଼ି ଧରି ଘରକୁ ନ ଫେରି ତାଙ୍କ ସ୍ତ୍ରୀଙ୍କୁ ଫୋନ୍ କରି କହିଥିଲେ ତୁମେ ଖାଇଦିଅ, ମୁଁ ପଛରେ ଯିବି। ହେଲେ ସେଦିନ ଆଉ ଘରକୁ ଫେରି ନଥିଲେ ବିଦ୍ୟାଧର। ୧୬ ତାରିଖ ସନ୍ଧ୍ୟାରେ ପୁଣି ସ୍ତ୍ରୀଙ୍କୁ ଫୋନ୍ କରି ବିଦ୍ୟାଧର କହିଥିଲେ, ଯାଜପୁର ଭଡ଼ା ମିଳି ଥିବାରୁ ସେ ଯାଉଛନ୍ତି। ୧୬ ରାତି ୯ଟାରେ ବିଦ୍ୟାଧରଙ୍କ କାର୍ ମଙ୍ଗୁଳି ଟୋଲ ଗେଟ୍ ପାର୍ କରିଥିବାବେଳେ ୧୭ ତାରିଖ ସକାଳ ୬ଟାରେ ପୁଣି ସେହି ମଙ୍ଗୁଳି ଟୋଲଗେଟ୍ କ୍ରସ୍ କରି ଥିବା ବିଦ୍ୟାଧରଙ୍କ ସାନଭାଇ ବିକାଶ ସାହୁଙ୍କ ମୋବାଇଲକୁ ଆସିଥିବା ଫାସଟ୍ୟାଗ୍ ମେସେଜରୁ ଜଣାପଡ଼ିଛି। ତେବେ ବିଦ୍ୟାଧର ୧୭ ତାରିଖ ସକାଳୁ ଯାଜପୁରରୁ ବାହାରି ଭୁବନେଶ୍ୱର ଫେରିଥିବା ଅନୁମାନ କରାଯାଉଛି। ହେଲେ ୧୭ ତାରିଖ ଦିନ ବିଦ୍ୟାଧର ଘରକୁ ନ ଫେରିବାରୁ ସନ୍ଦେହ କରି ପରିବାର ଲୋକ ଭୁବନେଶ୍ୱର ବରଗଡ଼ ଥାନାରେ ଅଭିଯୋଗ କରିଥିଲେ। ତେବେ ଗତ ଦୁଇଦିନ ହେଲା କୌଣସି ଏକ ଅଜଣା ନମ୍ବରରୁ ବିଦ୍ୟାଧରଙ୍କ ପରିବାର ପାଖକୁ ଲଗାତର ଫୋନ୍ ଆସୁଥିଲା। ବିଦ୍ୟାଧରଙ୍କ ବଦଳରେ ୨ କୋଟି ୪୦ ଲକ୍ଷ ଟଙ୍କା ତାଙ୍କ ପତ୍ନୀଙ୍କ ଠାରୁ ଦାବି କରୁଥିଲେ ଅପହରଣକାରୀ। ଆଉ ଶନିବାର ସକାଳେ ଚନ୍ଦକା ରାସ୍ତାରେ ବିଦ୍ୟାଧରଙ୍କ କାର୍ ଠିଆ ହୋଇଥିବା ଦେଖିଥିଲେ ତାଙ୍କ ଗାଁର ଜଣେ ଡ୍ରାଇଭର। ସେଠାରେ ସେ ଅଟକି ଦେଖିବା ବେଳକୁ ରାସ୍ତାକଡ଼ ବୁଦା ମୂଳେ ପଡ଼ିଥିଲା ବିଦ୍ୟାଧରଙ୍କ ମୃତଦେହ।

**ରିୟଲ୍ ଇଷ୍ଟେଟ୍ ବିବାଦ ସମାଧାନ ପାଇଁ ନୂଆ ନିର୍ଦ୍ଦେଶାବଳୀ**

# ସିଡିଆର୍ ସେଲ୍ ମାଧ୍ୟମରେ ହେବ ଶୀଘ୍ର ଆପୋସ ସମାଧାନ

ଭୁବନେଶ୍ୱର,୨୦।୯ (ସମିସ): ରିୟଲ୍ ଇଷ୍ଟେଟ୍ କ୍ଷେତ୍ରରେ ପ୍ରମୋଟର୍ ଏବଂ ଗ୍ରାହକଙ୍କ ମଧ୍ୟରେ ସୃଷ୍ଟି ହେଉଥିବା ବିବାଦଗୁଡ଼ିକର ଆପୋସ ସମାଧାନ ପାଇଁ ଓଡ଼ିଶା ରିୟଲ୍ ଇଷ୍ଟେଟ୍ ରେଗୁଲେଟୋରୀ ଅଥରିଟି (ଓରେରା) ଏକ ନୂଆ ନିର୍ଦ୍ଦେଶାବଳୀ ଜାରି କରିଛି। ଏହି ନିର୍ଦ୍ଦେଶାବଳୀ କନ୍ସିଲିଏସନ୍ ଆଣ୍ଡ ଡିସ୍‌ପୁଟ୍ ରିଜୋଲ୍ୟୁସନ୍ ସେଲ୍ ମାଧ୍ୟମରେ କାର୍ଯ୍ୟକାରୀ ହେବ। ରିୟଲ୍ ଇଷ୍ଟେଟ୍ (ରେଗୁଲେସନ୍ ଆଣ୍ଡ ଡେଭଲପମେଣ୍ଟ) ଆକ୍ଟ ଅନୁଯାୟୀ ଏହି ନିର୍ଦ୍ଦେଶାବଳୀ ପ୍ରଣୟନ କରାଯାଇଛି। ଯାହାକୁ ସରକାରଙ୍କ ଅନୁମୋଦନ ପ୍ରଦାନ କରାଯାଇଛି। ଏହି ନିର୍ଦ୍ଦେଶାବଳୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରିୟଲ୍ ଇଷ୍ଟେଟ୍ ସମ୍ବନ୍ଧୀୟ ବିବାଦଗୁଡ଼ିକର ଆପୋସ ଏବଂ ଶୀଘ୍ର ସମାଧାନ କରିବା। ଅଲଟରନେଟିଭ୍ ଡିସ୍‌ପୁଟ୍ ରିଜୋଲ୍ୟୁସନ୍ (ଏଡିଆର୍) ପ୍ରକ୍ରିୟା ସହିତ ସମନ୍ୱୟ ରକ୍ଷା କରିବ।

ନିର୍ଦ୍ଦେଶାବଳୀ ଅନୁଯାୟୀ, ବିବାଦରେ ସମ୍ପୃକ୍ତ ପାର୍ଟିମାନେ ନିଜର ଆବେଦନ ଦାଖଲ କରିପାରିବେ। ଆବେଦନଟି ବିରୋଧୀ ପାର୍ଟିକୁ ପଠାଯିବ ଏବଂ ସେମାନେ ୭ଦିନ ମଧ୍ୟରେ ସମ୍ମତି ପ୍ରଦାନ କରିବାକୁ ପଡ଼ିବ। ଏହାପରେ ମାମଲାକୁ ସିଡିଆର୍ ସେଲକୁ ପଠାଯିବ। ପାର୍ଟିମାନଙ୍କୁ ଶୁଣାଣି ତାରିଖ, ସମୟ ଏବଂ ସ୍ଥାନ ସୂଚାଇ ଦିଆଯିବ। ଉଭୟ ପାର୍ଟି ନିଜେ କିମ୍ବା ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହେବେ। କନ୍ସିଲିଏଟମାନେ ଆପୋସ ସମାଧାନ ପାଇଁ ସହାୟତା କରିବେ। ଯଦି ସମାଧାନ ହୁଏ, ତାହାକୁ ଲିଖିତ ରୂପରେ ରେକର୍ଡ କରାଯିବ। ଉଭୟ ପାର୍ଟି ଏହାକୁ ସ୍ୱାକ୍ଷର କରିବେ। ଏହି ସମାଧାନ ଚୁକ୍ତି ବାଧ୍ୟତାମୂଳକ ହେବ ଏବଂ ଏହାର ଅନୁପାଳନ ନ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯଦି ସମାଧାନ ବିଫଳ ହୁଏ, ତାହାକୁ ଅଥରିଟି କିମ୍ବା ଅନ୍ୟ ଫୋରମ୍‌ରେ ପୁନର୍ବାର ଉଠାଇ ପାରିବେ।

ଏହି ପ୍ରକ୍ରିୟାରେ ସମସ୍ତ ଆଲୋଚନା ଗୋପନୀୟ ରହିବ ଏବଂ କୌଣସି ଆଲୋଚନାକୁ ଅନ୍ୟ ଫୋରମ୍‌ରେ ପ୍ରମାଣ ଭାବରେ ବ୍ୟବହାର କରାଯିବ ନାହିଁ। ସିଡିଆର୍ ସେଲ୍‌ରେ ମାମଲା ସମାଧାନ ପାଇଁ ୨ ମାସର ସମୟସୀମା ଦିଆଯିବ। ଏହି ପଦକ୍ଷେପ ରିୟଲ୍ ଇଷ୍ଟେଟ୍ କ୍ଷେତ୍ରରେ ଗ୍ରାହକମାନଙ୍କର ଅଧିକାର ସୁରକ୍ଷା ଏବଂ ପ୍ରମୋଟରମାନଙ୍କ ଦାୟିତ୍ୱ ନିର୍ଦ୍ଧାରଣ କରିବାରେ ସହାୟକ ହେବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ନୂତନ ବ୍ୟବସ୍ଥା ରାଜ୍ୟର ରିୟଲ୍ ଇଷ୍ଟେଟ୍ ମାର୍କେଟକୁ ଅଧିକ ପାରଦର୍ଶୀ ଏବଂ ବିଶ୍ୱସନୀୟ କରିବ ବୋଲି ଆଶା କରାଯାଉଛି।

